Chapter- 17

# ଏତେ ସପନକୁ ରାତି କାହିଁ

**STUDY NOTES**

## MIND MAP



ତେଲିଟିଏ ଥିଲା । ସେ ଭାରି ଗରିବ । ମୂଲ ଲାଗି ଚଳେ । ବିଧବା ମାଆ ଟିଏ ଓ ଭାଇଭଉଣୀ ଦୁଇ ଜଣ । ଏମିତି ବାର ପାଇଟି କରି ତେଲି ଦିନ କାଟେ । ଗାଁର ସାହୁକାର କଥାରେ ସେ ବେପାର ବଣିଜ କଲା । ସାହୁକାର କିଛି ଟଙ୍କା ଦେଲେ । ପାଖରେ କିଛି ପୁଞ୍ଜି ହେଲା । ପରେ କୁଣ୍ଢେ ମୋଟ ହୋଇଗଲା । ଗର୍ବରେ ଫାଟି ପଡ଼ିଲା । ତାର ସାଙ୍ଗମାନେ ପଚାରିଲେ ତୁ ବାହାସାହା ହେଇଯାଇ ଘର ସଂସାର କରନ୍ତୁ, ଆମେ ତ ଭୋଜିଭାତ ଗଣ୍ଡାଏ ଖାଇବା । ପସରା ମୁଣ୍ଡାଇ ତେଲି ମନେ ମନେ କହିଲା ମୁଁ କୋଠା କରିବି । ଧୁମ୍ ଧାମ୍‌ରେ ବାହାଘର ହେବ । ବାଣ ରୋଷଣୀ ଫୁଟେଇ ବର ହେଇଯିବି । ମୋର ପୁଅ ହେବ । ବଡ଼ ହୋଇ ଚାକିରି କରିବ । କହିବ ଖାଇବ ଆସ । ମୁଁ କହିବି ଖାଇବି ନାହିଁ । ଏତିକ କହି ଜୋରରେ ମୁଣ୍ଡ ହଲାଇ ଦେଲା । ତାର ସବୁ ସପନ ଭାଙ୍ଗିଗଲା । ଏତେ ସପନକୁ ରାତି ନାହିଁ । ଶେଷରେ କାନମୁଣ୍ଡା ଆଉଁସି, ଆଉଁସି ଘରକୁ ଫେରିଲା ମନ ଦୁଃଖରେ । କଥାରେ ଅଛି ମୂଳରୁ ପୁଅ ନାହିଁ , ପୁଅ ନାଁ ଗୋପାଳିଆ । ଅତି ଗର୍ବକଲେ ଏଇଆ ଫଳ ମିଳିଥାଏ । ବୁଦ୍ଧିବିଚାରି କାମ କରିବ । ବୁଦ୍ଧିମାନର କାମ ।